# ଓଡ଼ିଶା ବିଧାନସଭା

## ଦ୍ୱିତୀୟ ଅଧିବେଶନ

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୨୮ ନଭେମ୍ବର ୨୦୨୪

----

**[ଜଳ ସମ୍ପଦ - ମୁଖ୍ୟମନ୍ତ୍ରୀ - ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା - ଇସ୍ପାତ ଓ ଖଣି - ଯୋଜନା ଓ ସଂଯୋଜନ - ବାଣିଜ୍ୟ - ସୂଚନା ଓ ଲୋକ ସମ୍ପର୍କ ପରିବହନ ].**

**ମୋଟ ପ୍ରଶ୍ନର ସଂଖ୍ୟା 30**

----

### ଜଳ ନିଷ୍କାସନର ସୁବ୍ୟବସ୍ଥା

*61 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ପୁରୀ ଜିଲ୍ଲା ସତ୍ୟବାଦୀ ଓ କଣାସ ବ୍ଲକ ଦେଇ ପ୍ରବାହିତ ଦୟା, ଭାର୍ଗବୀ, ଲୁଣା, ମକରା, ରାଜୁଆ, ରତ୍ନଚିରା, ମଲାଗୁଣ ନଦୀଗୁଡିକ ଚିଲିକାରେ ମିଶିଥିବା ବେଳେ ଏହି ନଦୀ ଶର୍ଯ୍ୟାରେ କଳିକତି ଦଳ ଓ ଚିଙ୍ଗୁଡିଆ ଦଳ ଭର୍ତ୍ତି ହୋଇ ଜଳ ନିଷ୍କାସନରେ ବାଧାସୃଷ୍ଟି ହୋଇ ସାମାନ୍ୟ ବର୍ଷାରେ ସତ୍ୟବାଦୀ ଓ କଣାସ ବ୍ଲକ ଅଞ୍ଚଳ ଜଳବନ୍ଦୀ ହେଉଥିବା ପ୍ରତି ସରକାର ସଚେତନ ଅଛନ୍ତି କି ; ଉତ୍ତର 'ହଁ' ହେଲେ ଏହାର ଦୀର୍ଘସ୍ଥାୟୀ ଜଳ ନିଷ୍କାସନ ମାଷ୍ଟରପ୍ଲାନ ପ୍ରସ୍ତୁତ କରି ଦଳ ସଫା ସହ ପୋତିହୋଇଥିବା ମୁହାଁଣର ପଙ୍କ ଓ ମାଟି ଅପସାରଣ କରି ଜଳ ନିଷ୍କାସନ ସୁସଂହତ ପୂର୍ବକ ଅଞ୍ଚଳକୁ ଶୂନ୍ୟ ଜଳପ୍ଲାବନ କରିବାକୁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଅଛନ୍ତି?

----

### ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା

*62 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସମଗ୍ର Keonjhar ଜିଲ୍ଲାରେ ସର୍ବମୋଟ କେତେ ଗୋଟି ପଡ଼ାଗ୍ରାମ ଅଛି ଏବଂ ଏ ମଧ୍ୟରେ ସରକାରଙ୍କର ବର୍ତ୍ତମାନ Guidlines ଆଧାରରେ କେତେ ପଡ଼ାଗ୍ରାମର ରାଜସ୍ୱ ଗ୍ରାମ ହେବାପାଇଁ ଯୋଗ୍ୟତା ଅଛି; ୨୦୧୯ ଠାରୁ ୨୦୨୪ ମସିହା ସମୟ ଅବଧିରେ କେତେ ଏବଂ କେଉଁ କେଉଁ ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ମିଳିଛି ତହସିଲୱାରୀ ତାହାର ଏକ ତାଲିକା ପ୍ରଦାନ କରିବେ କି ?

----

## ନିଲାମ ହୋଇଥିବା କୋଇଲା ଓ ମାଙ୍ଗାନିଜ

*63 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

କ) ଗତ ୫ ବର୍ଷ ମଧ୍ୟରେ ଓଡ଼ିଶାରେ କେତୋଟି କୋଇଲା ଓ ମାଙ୍ଗାନିଜ ଖଣି କେଉଁ କେଉଁ ଜାଗାରେ ଖଣି ପିଛା କେତେ ଟଙ୍କାରେ ନିଲାମରେ ଦିଆଯାଇଅଛି ? ଏହି ନିଲାମ ଧାରୀ ମାନେ କିଏ, ତାଙ୍କର ସମ୍ପୂର୍ଣ ତାଲିକା ଦେବେ କି ? ଏହି ନିଲାମ ଅର୍ଥରୁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର କେଉଁ ଅନୁପାତରେ ଅର୍ଥ ପାଇଥାନ୍ତି ? (ଖ) ଉପରୋକ୍ତ ଖଣି ଗୁଡିକ ନିୟମ ଅନୁଯାୟୀ ବାର୍ଷିକ କେତେ ପରିମାଣର ଖଣିଜ ପଦାର୍ଥ ଉତ୍ତୋଳନ କରିବା କଥା ? ଯେତକି ପରିମାଣର ଖଣିଜ ପଦାର୍ଥ ଉତ୍ତୋଳନ କରିବା କଥା ସେତିକି କରିଛନ୍ତି ନା ତାହା ଠାରୁ ଅଧିକ ବା କମ କରିଛନ୍ତି ? ତାହାର ଖଣିୱାରୀ ତାଲିକା ପ୍ରଦାନ କରିବେ କି ?

----

## ରାଜ୍ୟ ଯୋଜନା ବୋର୍ଡର ପୁନର୍ଗଠନ

*64 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଓଡ଼ିଶା ରାଜ୍ୟ ଯୋଜନା ବୋର୍ଡର ବୈଠକ ୨୦୦୦ ମସିହାରୁ ଏଯାବତ୍ କେବେ ଅନୁଷ୍ଠିତ ହୋଇଛି, ରାଜ୍ୟ ଯୋଜନା ବୋର୍ଡର ପୁନର୍ଗଠନ ପାଇଁ ରାଜ୍ୟ ସରକାର କି ପଦକ୍ଷେପ ନେଇଛନ୍ତି, ନୀତି ଆୟୋଗ ଢାଞ୍ଚାରେ ଓଡିଶାରେ ଏହି ବୋର୍ଡର ପୁନର୍ଗଠନ କେବେ ସୁଦ୍ଧା କରାଯିବ ?

----

## ଧାମରା ଠାରେ ଥିବା ଆଦାନୀ Port

*65 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ଧାମରା ଠାରେ ଥିବା ଆଦାନୀ Port ରେ ବର୍ଷକୁ କେତେ ପରିମାଣର କେଉଁ କେଉଁ ପଣ୍ୟ ଦ୍ରବ୍ୟ Import ଏବଂ Export ହେଉଛି, ଆଦାନୀ Port ବର୍ତ୍ତମାନ ଲାଭ ନା କ୍ଷତିରେ ଚାଲିଛି ତା'ର ସବିଶେଷ ତଥ୍ୟ ଦେବେ କି, ବିଗତ 5 ବର୍ଷରେ ଆଦାନୀ Port CSR ବାବଦରେ କେତେ ଅର୍ଥ ଖର୍ଚ୍ଚ କରିଛନ୍ତି ତା'ର ସବିଶେଷ ତଥ୍ୟ ଦେବେ କି ?

----

## Print Media ଓ Web Channel ଦିଆଯାଇଥିବା ବିଜ୍ଞାପନ

***୬୬ ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- Electronic Channel, Print Media, Web Channel ମାନଙ୍କୁ ୨୦୨୪ ଜୁନ ୧ ତାରିଖରୁ ନଭେମ୍ବର ୧୦ ତାରିଖ ପର୍ଯ୍ୟନ୍ତ କେତେ ଟଙ୍କାର ବିଜ୍ଞାପନ କେଉଁ ସଂସ୍ଥାକୁ ଦିଆହୋଇଛି ତାର ସଂସ୍ଥାୱାରୀ ତଥ୍ୟ ପ୍ରଦାନ କରିବେ କି ; Web - Channel ଙ୍କ ପାଇଁ କ'ଣ ଯୋଜନା ରହିଛି Registration ଠାରୁ ବିଜ୍ଞାପନ ପର୍ଯ୍ୟନ୍ତ ବିସ୍ତୃତ ବିବରଣୀ ରଖିବେ କି ?

----

## ବୈଦ୍ୟୁତିକ ଯାନର ବ୍ୟବହାର

***67 ଶ୍ରୀମତୀ ସୁବାସିନୀ ଜେନା (ବସ୍ତା)ଃ**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବିଗତ ତିନି ବର୍ଷରେ ସମଗ୍ର ରାଜ୍ୟରେ କେତେ ସଂଖ୍ୟକ ବୈଦ୍ୟୁତିକ ଯାନ ବ୍ୟବହାର ହେଉଛି ଏବଂ ପରିବହନଜନିତ ଅଙ୍ଗାରକାମ୍ଳ ନିର୍ଗମନକୁ ହ୍ରାସ କରିବା ସହିତ ଆଗାମୀ ଦିନରେ ରାଜ୍ୟରେ ବୈଦ୍ୟୁତିକ ଯାନକୁ ପ୍ରୋତ୍ସାହିତ କରିବା ପାଇଁ ପରିବହନ ବିଭାଗର କଣ ଯୋଜନା ରହିଛି, ଏଥି ସହିତ ରାଜ୍ୟର ପ୍ରତ୍ୟେକ ପେଟ୍ରୋଲ ପମ୍ପ ଗୁଡ଼ିକରେ ବୈଦ୍ୟୁତିକ ଯାନ ଗୁଡ଼ିକର Free Charging ବ୍ୟବସ୍ଥା କରାଇବାର କୌଣସି ଯୋଜନା ଅଛି କି ?

----

## ମୟୁରଭଞ୍ଜ ଜିଲ୍ଲାରେ ଥିବା Mega Lift Projects

***୬8 କୁମାରୀ ସଞ୍ଜଲି ମୁର୍ମୁ (ବାଙ୍ଗିରିପୋଷି)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ମୟୁରଭଞ୍ଜ ଜିଲ୍ଲାରେ କେତେଗୋଟି ଓ କେଉଁ ଠାରେ ମେଗା ଲିଫଟ୍ ଜଳସେଚନ ପ୍ରକଳ୍ପ ନିର୍ମାଣ ହୋଇଛି ; ସେଥିମଧ୍ୟରୁ ନଦୀର ଜଳସ୍ତର କମ ଥିବା ଜାଗାରେ ପ୍ରକଳ୍ପ ର ନିର୍ମାଣ କରାଯାଇଛି ଓ ଚାଷୀ ମାନଙ୍କ କାର୍ଯ୍ୟରେ ଆସୁନାହିଁ ଏହି ବିଷୟରେ ସରକାର ଅବଗତ ଅଛନ୍ତି କି ଉତ୍ତର ହଁ ହେଲେ ? ଏଥିପାଇଁ ସରକାର କଣ ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ହିତାଧିକାରୀଙ୍କୁ ଘରଡିହ ପଟ୍ଟା ବଣ୍ଟନ

***୬୨ ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା)ଃ**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଅଧିନରେ ଥିବା ତହସିଲ କାର୍ଯ୍ୟାଳୟ ଗୁଡିକରେ କେତେ ସଂଖ୍ୟକ ହିତାଧିକାରୀ ଭୂମିହିନ ଥିବା କାରଣରୁ ଘରଡିହ ପଟ୍ଟା ନିମନ୍ତେ ଆବେଦନ କରିଛନ୍ତି ତନମଧ୍ୟରୁ କେତେ ହିତାଧିକାରୀଙ୍କୁ ପଟ୍ଟା ଦିଆଯାଇଛି ଓ ଅବଶିଷ୍ଟ ଭୂମିହିନ ହିତାଧିକାରୀଙ୍କୁ କେବେସୁଦ୍ଧା ଘରଡିହ ପଟ୍ଟା ଯୋଗାଇ ଦିଆଯିବ ତାର ସବିଶେଷ ତହସିଲ୍ ୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## ଖଣିଜ ସମ୍ପଦ ଉତ୍ତୋଳନ ଦ୍ୱାରା ରାଜସ୍ୱ ଆଦାୟ

*70 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାରେ କେଉଁ କେଉଁଠାରେ କେଉଁ ଖଣି କାର୍ଯ୍ୟକ୍ଷମ ଅଛି, ଲିଜ୍‌ରେ ଦିଆଯାଇଛି ଓ କେଉଁ ଖଣି ନିଲାମରେ ପ୍ରଦାନ କରାଯାଇଛି ଓ ୨୦୨୦-୨୧, ୨୦୨୧-୨୨, ୨୦୨୨-୨୩ ଓ ୨୦୨୩-୨୪ ଅକ୍ଟୋବର ଶେଷ ସୁଦ୍ଧା କେତେ ମିଲିଅନ୍ ଟନ୍ ଖଣିଜ ସମ୍ପଦ ଉତ୍ତୋଳିତ ହୋଇଛି, ଖଣି ରୟାଲଟି ଓ ଖଣି ପ୍ରିମିୟମ୍ ବାବଦରେ କେତେ ରାଜସ୍ୱ ଆଦାୟ ହୋଇଛି ଓ ଏହି ସମୟରେ ଜିଲ୍ଲା ଖଣି ଓ ଖଣିଜ ସମ୍ପଦ ପାଣ୍ଠି (ଡି.ଏମ୍.ଏମ୍. ଏଫ୍.) କୁ କେତେ ଅର୍ଥ ମଞ୍ଜୁର ହୋଇଛି ?

----

## ମଞ୍ଜୁର ହୋଇଥିବା ପ୍ରକଳ୍ପ କାର୍ଯ୍ୟକାରୀ

*71 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-

(କ) WODC BIJU KBK, SDP, SPF, 5th SFC, GIA, Critical Gap Fund ଅନ୍ତର୍ଗତ ୨୦୨୦-୨୧ ରୁ ୨୦୨୩-୨୪ ବର୍ଷ ମଧ୍ୟରେ ତୁରେକେଲା,ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକ ତଥା କଣ୍ଟାବାଞ୍ଜି ଏନ୍.ଏ.ସି. ରେ କେତେ ଗୋଟି ପ୍ରକଳ୍ପ ର ଅନୁଦାନ ମଞ୍ଜୁରି ହୋଇ ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି ଓ କେତେ ଗୋଟି ପ୍ରକଳ୍ପ କାର୍ଯ୍ୟ ପେଣ୍ଡିଙ୍ଗ ଅଛି ବା ଅସଂପୂର୍ଣ ଅଛି ; WODC ଅନୁଦାନ ଅର୍ନ୍ତଗତ ବଙ୍ଗୋମୁଣ୍ଡା ବ୍ଲକ ରେ ୨୦୨୧-୨୨ ରୁ ୨୦୨୩-୨୪ ଆର୍ଥିକ ବର୍ଷ ମଧ୍ୟରେ ୪୧ ଗୋଟି ମଂଜୁରୀ ପ୍ରାପ୍ତ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇ ନଥିବାର ସରକାର ଅବଗତ ଅଛନ୍ତି କି ; ତାହା କେଉଁ କାରଣ ରୁ ଆରମ୍ଭ କରାଯାଇନାହିଁ ;(ଖ) ଜିଲ୍ଲା ଯୋଜନା ଓ ସଂଯୋଜନା ବିଭାଗ ଠାରୁ ପ୍ରାପ୍ତ ସୂଚନା ଅନୁଯାୟୀ ଆର୍ଥିକବର୍ଷ ୨୦୨୦-୨୧ ରୁ ୨୦୨୩-୨୪ ମଧ୍ୟରେ ମୁରିବାହାଲ ବ୍ଲକର ୫୩ ଗୋଟି ପ୍ରକଳ୍ପ ଓ ତୁରେକେଲା ବ୍ଲକର ୧୪ ଗୋଟି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇନାହିଁ, ପୁଣି ପୂର୍ତ୍ତ ବିଭାଗ ଅଧୀନରେ ମଧ୍ୟ ୨୦୨୧-୨୨ ରେ ୧ ଗୋଟି ଓ ୨୦୨୨-୨୩ ରେ ମଧ୍ୟ ୧ ଗୋଟି ପ୍ରକଳ୍ପ ର ଅଟକଳ (ଏଷ୍ଟିମେଟ) ତିଆରି କରାଯାଇନଥିବାର ସରକାର ଜାଣନ୍ତି କି ; ଉକ୍ତ ପ୍ରକଳ୍ପ ଗୁଡ଼ିକୁ କେଉଁ କାରଣରୁ କାର୍ଯ୍ୟକାରୀ କରାଯାଇନାହିଁ, ତାହାର ସବିଶେଷ ତଥ୍ୟ ପ୍ରଦାନ କରିବେ କି ?

----

## ଗୋପାଳପୁର ବନ୍ଦରର କାର୍ଯ୍ୟରତ ଶ୍ରମିକ ସଂଖ୍ୟା

*72 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ଗୋପୁଳପୁର ବନ୍ଦରରେ 2024 ବର୍ଷ କେତେ ଜଣ ଶ୍ରମିକ କେଉଁ ୟୁନିଟରେ କାମ କରୁଛନ୍ତି ମୋଟ କେତେ ଦିନ OCT ମାସସୁଦ୍ଧା କାମ ହୋଇଛି 2010 ବର୍ଷ କେତେ ଶ୍ରମିକଥିଲେ କାମ ପାଉନଥିବା ଶ୍ରମିକ କେବେ ସୁଦ୍ଧା କାମ ପାଇବେ ଗୋପାଳପୁର ବନ୍ଦର ଆଦାନୀ କମ୍ପାନୀକୁ କେବେ ହସ୍ତାନ୍ତର କରାଗଲା ସରକାରଙ୍କ ସହ ଆଦାନୀ ହୋଇଥିବା ଚୁକ୍ତିର ତଥ୍ୟ ଯୋଗାଇଦେବେ କି ବନ୍ଦର ଘରୋଇ କରଣ କରିବାର ଲକ୍ଷ କଣ ମୋଟ କର୍ମଚାରୀ ସଂଖ୍ୟା କେତେ ?

----

## ବିଜ୍ଞାପନ ବାବଦରେ ଟଙ୍କା ଖର୍ଚ୍ଚ

*73 **ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-

ରାଜ୍ୟ ସରକାର 10 ଜୁନ୍, 2024 ରୁ 10 ନଭେମ୍ବର, 2024 ପର୍ଯ୍ୟନ୍ତ ପାଞ୍ଚ ମାସ ମଧ୍ୟରେ ବୈଦ୍ୟୁତିକ ଗଣମାଧ୍ୟମ, ଖବର କାଗଜ ଓ ୱେବ ପୋର୍ଟାଲକୁ ବିଜ୍ଞାପନ ଓ Advertorial ବାବଦରେ କେତେ ଟଙ୍କା ଖର୍ଚ୍ଚ କରିଛନ୍ତି, ଏହାର ଖବରକାଗଜ ୱାରୀ, ବୈଦ୍ୟୁତିକ ଗଣମାଧ୍ୟମ ୱାରୀ ଓ ୱେବ ପୋର୍ଟାଲ ୱାରୀ ତଥ୍ୟ ପ୍ରଦାନ କରିବେ କି, ପୂର୍ବ 3 ବର୍ଷ 2023, 2022 ଓ 2021 ବର୍ଷର ଜୁନ୍ 10 ତାରିଖରୁ ନଭେମ୍ବର 10 ତାରିଖ ମଧ୍ୟରେ ଏ ବାବଦରେ କେତେ ଟଙ୍କା ଖର୍ଚ୍ଚ ହୋଇଥିଲା ତା'ର ଏକ ବର୍ଷୱାରୀ ତାଲିକା ପ୍ରଦାନ କରିବେ କି ?

----

## ରାଜ୍ୟରେ ଥିବା driving ଟ୍ରେନିଂ ସେଣ୍ଟର

*74 **ଶ୍ରୀ ସିଦ୍ଧାନ୍ତ ମହାପାତ୍ର (ଦିଗପହଣ୍ଡି):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ କେତୋଟି ଡ୍ରାଇଭିଙ୍ଗ ଟ୍ରେନିଂ ସେଣ୍ଟର ରହିଛି । ସେଥିମଧ୍ୟରୁ କେତୋଟି ସରକାରଙ୍କ ଅନୁମୋଦନ ପ୍ରାପ୍ତ । (ଖ) ସମସ୍ତ ଡ୍ରାଇଭିଙ୍ଗ ସେଣ୍ଟରଗୁଡିକ ସରକାରଙ୍କ ନିୟମାବଳୀ ପାଳନ କରୁଛନ୍ତି କି ନାହିଁ, ତାହାର ଯାଞ୍ଚ କରାଯାଉଛି କି? ଯଦି ଯାଞ୍ଚ କରାଯାଉଛି ତାହାର ସମସ୍ତ ତଥ୍ୟ ଉପସ୍ଥାପନ କରିବେ କି?

----

## ଭୂତଳ ଜଳ ନିୟନ୍ତ୍ରଣ ପାଇଁ ପଦକ୍ଷେପ

*75 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ୨୦୧୦ ମସିହା ବେଳକୁ ଭୂତଳ ଜଳର ସ୍ଥିତି କଣ ରହିଥିଲା, ୨୦୨୪ ମସିହା ବେଳକୁ ଏହାର ସ୍ଥିତି କ'ଣ ରହିଛି ଭୂତଳ ଜଳସ୍ତର ନିୟନ୍ତ୍ରଣ ପାଇଁ ସରକାର କି ଯୋଜନା ଓ ପଦକ୍ଷେପମାନ ଗ୍ରହଣ କରିଛନ୍ତି,ତାହାର ଏକ ବିସ୍ତୃତ ବିବରଣୀ ପ୍ରଦାନ କରିବେ କି ?

----

## ଖଣ୍ଡପ୍ଲଟ ବିକ୍ରି ପାଇଁ ବ୍ୟବସ୍ଥା

*76 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡ ପ୍ଲଟ ବିକ୍ରି ପାଇଁ ପଞ୍ଜୀକରଣ ବନ୍ଦ କରାଯାଇଅଛି ଯାହାଦ୍ୱାରା ଗରିବ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେବା ସହିତ ଅନ୍ୟ ପକ୍ଷେ ଗୃହଟିଏ ସହରାଞ୍ଚଳରେ ନିର୍ମାଣ ପାଇଁ ସାଧାରଣ ଜନତା ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଅଛନ୍ତି, ଏଣୁ ଖଣ୍ଡ ପ୍ଲଟ ଖର୍ଦ୍ଦି, ବିକ୍ରି ନିମନ୍ତେ ସରକାର ମଞ୍ଜୁର ଦେବାର ବ୍ୟବସ୍ଥା କରିବେ କି ?

----

## ଲଘୁ ଖଣିଜରୁ ରାଜସ୍ୱ ଆୟ

*77 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖୋର୍ଦ୍ଧା ଜିଲ୍ଲାରେ କେଉଁ କେଉଁ ତହସିଲ୍‌ର କେଉଁ ରାଜସ୍ୱ ଗ୍ରାମରେ କେଉଁ ଲଘୁ ଖଣିଜ ଖଣିରୁ ଓ ନଦୀ ଘାଟରୁ ବିଗତ ତିନି ବର୍ଷରେ ନିଲାମ ବାବଦରେ କେତେ ରାଜସ୍ୱ ଆଦାୟ ହୋଇଛି ଓ ଶ୍ରୀ ଜଗନ୍ନାଥଙ୍କ ଜମିରୁ କେତେ ଲଘୁ ଖଣିଜ ବିକ୍ରୟ କରାଯାଇ କେତେ ରାଜସ୍ୱ ଆଦାୟ ହୋଇଛି, ତାହାର ବିବରଣୀ ପ୍ରଦାନ ସହ ଲଘୁ ଖଣିଜର ଚୋରା ଚାଲାଣ ରୋକିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଯୋଜନା ପାଇଁ ଅର୍ଥ ବ୍ୟୟ

*78 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଚଳିତ ଆର୍ଥିକ ବର୍ଷରେ ମୋଟ ଯୋଜନା ବ୍ୟୟ ବରାଦ କେତେ କରାଯାଇଥିଲା ଓ ଏ ପର୍ଯ୍ୟନ୍ତ ସେଥିରୁ କେତେ ଅର୍ଥ ଏବଂ କେତେ ପ୍ରତିଶତ ଖର୍ଚ୍ଚ ହୋଇ ସାରିଲାଣି ; ଏହି ଖର୍ଚ୍ଚ ଗତ ଆର୍ଥିକ ବର୍ଷର, ଉପରୋକ୍ତ ସମୟର ଖର୍ଚ୍ଚ ତୁଳନାରେ କେତେ ଅଧିକ ବା କମ ଚଳିତ ଆର୍ଥିକ ବର୍ଷ ରାଜ୍ୟର ଅଭିବୃଦ୍ଧି ହାର କେତେ ହେବ ବୋଲି ଆଶା କରାଯାଉଅଛି ଏବଂ ଜାତୀୟହାରଠାରୁ କେତେ ଭିନ୍ନ ହେବ ?

----

## କିଣାଯାଇଥିବା ବସ୍ ଯାତାୟତ କରିବାର ବ୍ୟବସ୍ଥା

*79 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଗତ ଦଶ ବର୍ଷ ମଧ୍ୟରେ କେତୋଟି Bus କିଣାଯାଇଛି ସେଗୁଡିକର ଯାତାୟତ ନ ହେବାର କାରଣ କ'ଣ, ସେଗୁଡିକ କେତେ ଅର୍ଥ ବିନିଯୋଗରେ ଖର୍ଚ୍ଚ କରାଯାଇଥିଲା ତା'ର ସବିଶେଷ ବିବରଣୀ ଦେବେ କି ?

----

## ନୂତନ ଆଡ଼ିବନ୍ଧ ନିର୍ମାଣ

*80 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-

ଆନନ୍ଦପୁର ଉପଖଣ୍ଡ ଅନ୍ତର୍ଗତ ଆନନ୍ଦପୁର ବ୍ଲକ ଅଧିନସ୍ଥ ସାଳନ୍ଦୀ ନଦୀରୁ ବାହାରି ଥିବା ଘାଗରା ନାଳର ଆଡ଼ିବନ୍ଧ ମରାମତି ନିମନ୍ତେ ସରକାର ପଦକ୍ଷେପ ନେବେ କି ; ନଦୀ ବନ୍ଧର ମରାମତି ନ ହେବା କାରଣରୁ ବନ୍ୟା ଆସିଲେ କଣ୍ଡୀପାଳ, ସାଳବଣି, ମୋଚିନ୍ଧା ଓ ତରତରା ପଞ୍ଚାୟତର ଚାଷ ଜମିର କ୍ଷୟକ୍ଷତି ହେବା ସହ ଗ୍ରାମ ଗୁଡିକରେ ବସବାସ କରୁଥିବା ଲୋକମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତରିତ ହେବାକୁ ପଡୁଛି, ଏହି ନାଳ ଉପରେ ମଠସାହି ଠାରୁ ଖିଲାର ସାହି ଯାଏ ଏକ ଫୁଟ ଓଭର ବ୍ରିଜ ନିର୍ମାଣ କରିବା ସହ ସ୍ଥାୟୀ ଆଡିବନ୍ଧ ନିର୍ମାଣ କରିବାପାଇଁ ସରକାର ପଦକ୍ଷପ ଗ୍ରହଣ କରିବେକି?

----

## Proposal for near revenue village

***81 Shri Tusharkanti Behera (Kakatpur):**

Will the Minister for **Revenue and Disaster Management** be pleased to state that:-

(a) Is there any proposal of State Govt. to declare new revenue villages and has the process been started; How many revenue villages will be declared & by what time it will be declared; Will the Govt furnish the no. of revenue of village to be declared district wise; Will the Govt. furnish the name of new revenue villages district wise; (b) How many new revenue villages will be declared in Kakatpur Assembly of Puri district & will the minister submit the new revenue village?

----

## ସର୍ଭେ ଅନୁଯାୟୀ ଗଚ୍ଛିତଥିବା ବକ୍ସାଇଟ

***82 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

(କ) ରାୟଗଡା ଓ କଳାହାଣ୍ଡି ଜିଲ୍ଲାର ୧୫୦ ବର୍ଗ କିଲୋମିଟର ଅଞ୍ଚଳ ପରିବ୍ୟାପ୍ତ ପୂର୍ବଘାଟ ପର୍ବତ ମାଳାର ନିୟମଗିରି ଅଞ୍ଚଳରେ ସିଜିମାଳି, କୁଟ୍ରୁମାଳି ଓ ନିୟମଗିରିରେ ସରକାରୀ ସର୍ଭେ ଅନୁଯାୟୀ କେତେ କେତେ ଟନର ବକ୍ସାଇଟ ଗଚ୍ଛିତ ଅଛି, ଏବଂ (ଖ) ଏହି ଖଣିଜ ସମ୍ପଦ ଗୁଡିକୁ କେଉଁ କେଉଁ ବହୁରାଷ୍ଟ୍ରିୟ ସଂସ୍ଥାମାନଙ୍କୁ ଓ କମ୍ପାନୀ ମାନଙ୍କୁ କେତେ ମୂଲ୍ୟରେ କେତେଦିନ ପାଇଁ କେବେଠାରୁ ହସ୍ତାନ୍ତର କରାଯାଇଛି, ଏହାର terms & conditions of agreement ର details ଉପସ୍ଥାପନା କରିବେ କି ଏବଂ ଖଣି ଖନନ ଦ୍ୱାରା କେତୋଟି ଗ୍ରାମର ଅଧିବାସୀମାନେ ଓ ଏଠାକାର କେତୋଟି ଜଳଉତ୍ସ ଓ କେଉଁ ପ୍ରକାରର ଜୈବବିବିଧତା ପ୍ରଭାବିତ ଓ ନଷ୍ଟ ହେବ ତାହା ଜଣାଇବେ କି ? ଏତଦ୍‌ବ୍ୟତୀତ କର୍ଲାପାଟ ରିଜର୍ଭ ଫରେଷ୍ଟ ଉପରେ ଏହାର କି ପ୍ରଭାବ ପଡିବ ତାହା ଜଣାଇବେ କି?

----

## ସଦର ମହକୁମାରୁ ପୁରୀ କୁ ଚାଲୁଥିବା ବସ୍

***83 ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ପ୍ରତ୍ୟେକ ଜିଲ୍ଲା ସଦର ମହକୁମାରୁ ଶ୍ରୀକ୍ଷେତ୍ର ପୁରୀ ଅଭିମୁଖେ ପ୍ରତ୍ୟେକ ଦିନ କେଉଁ ଜିଲ୍ଲାରୁ କେତେ ବସ୍ ଚାଲୁଅଛି ତା'ର ବିବରଣୀ ପ୍ରଦାନ କରିବେ କି ?

----

## ଚାଷ ଜମିକୁ ଜଳସେଚନ

*84 **ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ (ଅନୁଗୁଳ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଅନୁଗୋଳ ଜିଲ୍ଲାର ଅନୁଗୋଳ ଏବଂ ବଅଁରପାଳ ବ୍ଲକରେ ଚାଷ ଜମିକୁ ଜଳସେଚନର ସଠିକ୍ ବ୍ୟବସ୍ଥା ନାହିଁ, ଚାଷ ଜମିକୁ ଜଳସେଚନ ପାଇଁ କ'ଣ ପଦକ୍ଷେପ ନେଇଛନ୍ତି ?

----

## ଭୋଗରାଇଠାରେ ନୂତନ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ

*85 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବନ୍ୟା ବାତ୍ୟାଭଳି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଲାଗି ଭୋଗରାଇ ନିର୍ବାଚନ ମଣ୍ଡଳୀରେ ବର୍ତ୍ତମାନ ସୁଦ୍ଧା କେତୋଟି ବାତ୍ୟା ଆଶ୍ରୟସ୍ଥଳୀ ରହିଛି ଏବଂ ଏ ସବୁର ରକ୍ଷଣାବେକ୍ଷଣ ଲାଗି ସରକାର ବିଗତ ୫ ବର୍ଷ ମଧ୍ୟରେ କେତେ ଅର୍ଥ ବ୍ୟୟ କରିଛନ୍ତି; ଆଗାମୀ ଦିନରେ ଭୋଗରାଇରେ ଆଉ କେତୋଟି ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣର ଯୋଜନା ରହିଛି ?

----

## ସୁନ୍ଦରଗଡ ଜିଲ୍ଲାରେ ଖନନ ହେଉଥିବା ଖଣିଜ ପଦାର୍ଥ

*86 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

(କ) ସୁନ୍ଦରଗଡ ଜିଲ୍ଲାର କେଉଁ ଜାଗାରୁ କେଉଁ ପ୍ରକାରର ଖଣିଜ ପଦାର୍ଥ (ଇସ୍ପାତ) ଖନନ ତଥା କ୍ରୟ ବିକ୍ରୟ ହେଉଛି, ଉକ୍ତ କାର୍ଯ୍ୟ ପାଇଁ କେଉଁ କେଉଁ ସଂସ୍ଥାମାନଙ୍କୁ ସରକାରୀଭାବେ ଚୁକ୍ତି କରାଯାଇଅଛି, ପଦାର୍ଥ ଅନୁଯାୟୀ ଏହାର ବାର୍ଷିକ ରୟାଲିଟି ଆୟ କେତେ, ଏହି ରୟାଲିଟି ଅର୍ଥର ସୁନ୍ଦରଗଡ ପାଇଁ ବିନିଯୋଗର ବ୍ୟବସ୍ଥା ଓ ଯୋଜନା କଣ ପ୍ରଣୟନ ହୋଇଛି, (ଖ)National Green Tribunal ଭଳି କୌଣସି ସଂସ୍ଥା ତରଫରୁ କେଉଁ କେଉଁ ଖଣି ଖନନ ଉପରେ କଟକଣା ଜାରୀ କରାଯାଇଛି ଜଣାଇବା ସହ କଟକଣା ସତ୍ତ୍ୱେ ଅଦ୍ୟାବଧି ଖନନ କାର୍ଯ୍ୟ ଚାଲୁ ରହିବା ସରକାରଙ୍କ ନଜରକୁ ଆସିଛି କି, ଯଦି ଆସିଛି ତେବେ ସରକାର ସେହି ସଂସ୍ଥାମାନଙ୍କ ବିରୁଦ୍ଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ?

----

## ବ୍ଲକ ଠାରୁ ସଦର ମହକୁମା ପର୍ଯ୍ୟନ୍ତ ବସ ଚଳାଚଳ

*87 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗ୍ରାମାଞ୍ଚଳ ପରିବହନ ଯୋଜନାରେ ବ୍ଲକ ଠାରୁ ଜିଲ୍ଲା ସଦର ମହକୁମା ପର୍ଯ୍ୟନ୍ତ ବସ ପରିବହନ ବ୍ୟବସ୍ଥା ଅଛି କି ; ଯଦି ଉତ୍ତର 'ହଁ' ହୁଏ ତେବେ ଏରସମା ବ୍ଲକ ସଦର ମହକୁମା ଠାରୁ ଜଗତସିଂହପୁର ଜିଲ୍ଲା ସଦର ମହକୁମା ପର୍ଯ୍ୟନ୍ତ ଉକ୍ତ ଯୋଜନାରେ କ'ଣ ବ୍ୟବସ୍ଥା ନିଆଯାଇଛି ତାହା ନିର୍ଦ୍ଦିଷ୍ଟ ଭାବେ ଜଣାଇବେ କି?

----

## ମହାନଦୀ ଓ ଶାଖା ନଦୀ ପ୍ରବାହିତ ହେଉଥିବା ଜଳ

*୪୪ **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ମହାନଦୀ ଓ ତାହାର କେଉଁ ଶାଖାନଦୀ ମାନଙ୍କରେ ବିଗତ ତିନି ବର୍ଷରେ କେତେ ଜଳ ପ୍ରବାହିତ ହୋଇଛି, ନଭେମ୍ବର ଶେଷ ସୁଦ୍ଧା ମହାନଦୀ ସହ ତାହାର ଶାଖାନଦୀ ମାନଙ୍କରେ ଜଳ ପ୍ରବାହ ହ୍ରାସ ପାଇ ନଦୀଶଯ୍ୟା ଶୁଷ୍କ ହେଉଥିବା ପରିପ୍ରେକ୍ଷୀରେ ନଦୀ ଶଯ୍ୟାରେ ଚେକ୍‌ଡ୍ୟାମ୍ ନିର୍ମାଣ କରି ବର୍ଷସାରା ନଦୀକୁ ଜଳବହୁଳ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଭୂମିହୀନ ପରିବାରକୁ ଚିହ୍ନଟ

*୪୭ **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ ଜିଲ୍ଲାରେ କେତେ ଭୂମିହୀନ ପରିବାର ଚିହ୍ନଟ ହୋଇଛନ୍ତି ଓ ବିଗତ ତିନି ବର୍ଷରେ କେତେ ପରିବାରକୁ ଘରଡିହ ପଟ୍ଟା ଓ ଜମି ଯୋଗାଣ ହୋଇଛି ପ୍ରକାଶ କରି ରାଜ୍ୟର ସମସ୍ତ ଭୂମିହୀନକୁ ଘରଡିହ ଜମି ଯୋଗାଣ କେବେ ସୁଦ୍ଧା ପୂର୍ଣ୍ଣାଙ୍ଗ କରାଯିବ?

----

## ଖଣିଜ ପଦାର୍ଥ ପରିବହନ

*୭୦ **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

(କ) ଯାଜପୁର, କେନ୍ଦୁଝର, ସୁନ୍ଦରଗଡ଼ ଓ ଅନୁଗୋଳ ଜିଲ୍ଲା ଆଦିରୁ କେତେ ଟନର ଖଣିଜ ପଦାର୍ଥ, ହରିଦାସପୁର-ପାରାଦୀପ ରେଲୱେ ଓ NH 53ର ଚଣ୍ଡିଖୋଲ ଦେଇ 2016-17 ଆର୍ଥିକ ବର୍ଷରୁ 2024-25 ବର୍ଷର ଏଯାଏଁ ପାରାଦୀପକୁ ଯାଇଛି, ତାହର ତଥ୍ୟ ବର୍ଷୱାରୀ ପ୍ରଦାନ କରିବେ କି ? (ଖ) ODMF ରୁଲ୍ ଆଧାରରେ ଖଣିଜ ପଦାର୍ଥ ପରିବହନ ହେଉଥିବା ଅଞ୍ଚଳକୁ Indirectly Affected Area ଭାବେ ଚିହ୍ନଟ କରି ସେହି ଅଞ୍ଚଳର ବିକାଶ ପାଇଁ DMF ପାଣ୍ଠିର କିଛି ଅଂଶ ଖର୍ଚ୍ଚ କରାଯିବା କଥା। ଅଣତାରକା ପ୍ରଶ୍ନ-4195ରେ 05-09-2024ରେ ପ୍ରଦତ୍ତ ଉତ୍ତର ଆଧାରରେ, ଯଦି ପାଣିକୋଇଲିକୁ Indirectly Affected Area ଭାବେ ଚିହ୍ନଟ କରାଯାଇଛି। ତେବେ ODMF ରୁଲ୍ ଆଧାରରେ ଖଣିଜ ପଦାର୍ଥ ପରିବହନ ଦ୍ୱାରା ସର୍ବାଧିକ ପ୍ରଭାବିତ ବଡ଼ଚଣା ନିର୍ବାଚନ ମଣ୍ଡଳୀକୁ Indirectly Affected Area ଭାବେ ଚିହ୍ନଟ କରି, DMF ପାଣ୍ଠିର କିଛି ଅଂଶ ଏ ଅଞ୍ଚଳର ବିକାଶ ପାଇଁ ବିନିଯୋଗର ବ୍ୟବସ୍ଥା କରାଇବେ କି?

----